## ସଂକ୍ଷେପରେ

### 'ଶେଷ ଠିକଣା' ନାଟକ ପୁରସ୍କୃତ

**ଭଦ୍ରକ, ୨୪।୭ (ରବିନାରାୟଣ ଖୁଲାର)**

କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟସ୍ତରୀୟ ଶିଶୁ ଓ କିଶୋର ମଞ୍ଚ ନାଟକ ପ୍ରତିଯୋଗିତାରେ ଭଦ୍ରକର ନାଟକ 'ଶେଷ ଠିକଣା' ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଏହି ନାଟକର ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ, ଗୀତିକାର ନିର୍ମଳ ସ୍ୱାଇଁ, ସଙ୍ଗୀତଜ୍ଞ ଦେବେନ୍ଦ୍ର ପଣ୍ଡା ଥିବାବେଳେ ଏହାର ଲେଖକ ହେଉଛନ୍ତି ନାଟ୍ୟ ଗୌରବ ପ୍ରଫେସର ଅଟଳ ବିହାରୀ ନାୟକ। ନାଟ୍ୟକାର ପ୍ରଫେସର ଡ. ସୁଦର୍ଶନ ବାରିକ ଅଭିମତ ଲେଖିଛନ୍ତି। ଓଡ଼ିଶାର ଚଳଚ୍ଚିତ୍ର ଜଗତ, ଧାରାବାହିକ ଓ ବହୁ ଭାଷାଭାଷୀ ନାଟକ ପ୍ରତିଯୋଗିତାର ପୁରୁଷ ନାଗେଶ୍ୱର ରାଓ ମଞ୍ଚ ସଜ୍ଜା ପ୍ରସ୍ତୁତ କରିଥିଲେ।

### ଧର୍ମପରାୟଣ ବୃଦ୍ଧଙ୍କ ପରଲୋକ

**ଧାମନଗର,୨୪।୭ (ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ୮ ନମ୍ବର ୱାର୍ଡ ମୁଲଣାସାହି ଗ୍ରାମର ଧର୍ମପରାୟଣ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଏମ୍.ଡି. ସୟଦବୁଲ ଓରା(୬୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ଲୋକପ୍ରତିନିଧି, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### 'ମା ପାଇଁ ଗଛଟିଏ'

**ଭଣ୍ଡାରିପୋଖରୀ,୨୪।୭(ରାଜେନ୍ଦ୍ର ଶତପଥୀ)**

ବଜରଙ୍ଗ ଦଳର ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ଶାଖା ପକ୍ଷରୁ ମା' ପାଇଁ ଗଛଟିଏ ଆହ୍ୱାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସ ଓ ଭଣ୍ଡାରିପୋଖରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅଧିକାରୀ ମହେଶ୍ୱର ନାୟକ, ବୈଷ୍ଣବ ନାୟକ, ଉପେନ୍ଦ୍ର ମହାପାତ୍ର, ସୁଦର୍ଶନ ସାମଲ, ରବୀନ୍ଦ୍ର ଦେଓ ପ୍ରମୁଖ ଯୋଗଦେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶାଖା ସଂଯୋଜକ ପ୍ରକାଶ ନାୟକ, ସହସଂଯୋଜକ ହିମାଂଶୁ ଶେଖର ବେହେରା, ଆକାଶ ବିନ୍ଧାଣୀ, ଦେବବ୍ରତ ସେଠୀ, ଚିତ୍ତରଞ୍ଜନ ଦାଶ, ପ୍ରଦୀପ ଖଣ୍ଡୁଆଳ, ଦଶରଥ ବିନ୍ଧାଣୀ ପ୍ରମୁଖ ବିଭିନ୍ନ କିସମର ଚାରାରୋପଣ କରିଥିଲେ।

### ସ୍କୁଲରୁ ଚୋରି ବେଳେ ଧରାପଡ଼ିଲେ ୨ ନାବାଳକ

**ଭୋଗରାଇ, ୨୪।୭(ପ୍ରଦୀପ ଦାସ)**

ବିଭିନ୍ନ ବିଦ୍ୟାଳୟ, ମନ୍ଦିର, ଘର ଓ ଦୋକାନରୁ କୌଶଳକ୍ରମେ ଚୋରି କରୁଥିଲେ ଦୁଇ ଦଶମ ଶ୍ରେଣୀର ଛାତ୍ର। ଚୋରି ସାମଗ୍ରୀକୁ ବିଭିନ୍ନ ସ୍ଥାନରେ ବିକ୍ରି କରି ମିଳୁଥିବା ଟଙ୍କାରେ ମଉଜ ମଜଲିସ କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ସମ୍ପୃକ୍ତ ୨ ନାବାଳକ ମଙ୍ଗଳବାର ବିଳମ୍ବିତ ରାତିରେ ସ୍କୁଲ ଘରୁ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ମାଡ଼ ଖାଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅନଳିଆ ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ନାବାଳକ ସ୍କୁଲ ଭିତରେ ପଶି ଅଫିସ ଗେଟ ତାଲା ଭାଙ୍ଗି ୭ଟି ଆଲମିରା ତାଲାକାଟି କିଛି ଟଙ୍କା, ସହିତ ଡାକବାଜି ଯନ୍ତ୍ରର ସାଉଣ୍ଡ ମେଶିନ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ସନ୍ଦେହ କରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କୁ ଦେଖି ଉଭୟେ ଘଟଣାସ୍ଥଳରୁ ଚମ୍ପଟ ମାରୁଥିବାବେଳେ ଧରାପଡିଯାଇଥିଲେ। ଲୋକେ କାବୁ କରି ସ୍କୁଲ ଘରେ ଦୁଇ ହାତବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ସେମାନଙ୍କଠାରୁ ଏକ ବାଇକ୍, ତାଲା ଭଙ୍ଗା ଲୁହା ଯନ୍ତ୍ର, ସାଉଣ୍ଡମେଶିନ ପୋଲିସ ଜବତ କରିଛି। ଏହି ଦୁଇ ଅପରାଧୀ ନିକଟସ୍ଥ ମାନକୁଣ୍ଡା ସୀମାନ୍ତ ହାଇସ୍କୁଲରୁ ଚୋରି କରିବା ସହିତ ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ଚୋରି କରିଥିବା ସ୍ୱୀକାର କରିଛନ୍ତି। ଭୋଗରାଇ ପୋଲିସ ପହଞ୍ଚି ଦୁଇ ନାବାଳକଙ୍କୁ ଉଦ୍ଧାର କରିବା ସହିତ ଏକ ମାମଲା (ନଂ୨୫୯/୨୪) ରୁଜୁ କରି ବାଲେଶ୍ୱର ଜୁଭେନାଇଲ କୋର୍ଟକୁ ଚାଲାଣ କରିଛି।

# ବ୍ଲକ୍ କାର୍ଯ୍ୟାଳୟ ପରିସର ପାଲଟିଲାଣି ବସ୍‌ଷ୍ଟାଣ୍ଡ

**ବାସୁଦେବପୁର,୨୪।୭ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର ଏବେ ବସ୍‌ଷ୍ଟାଣ୍ଡ ପାଲଟିଥିବା ଦେଖିବାକୁ ମିଳିଛି। ବ୍ଲକ ଅଫିସ୍ ପରିସରରେ ୩ଟି ଲକ୍ଷ୍ମୀ ବସ୍ ପାର୍କିଂ କରୁଥିବାରୁ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି। ପ୍ରଥମେ ବାସୁଦେବପୁର ବ୍ଲକରୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଗୋଟିଏ ଲକ୍ଷ୍ମୀ ବସ୍ ଆସିଥିବା ବେଳେ ଏହା ବ୍ଲକରେ ଅସ୍ଥାୟୀ ଭାବେ ରହିଥିଲା। କିଛିଦିନ ତଳେ ପୁଣି ଆଉ ୨ଟି ବସ୍ ବ୍ଲକକୁ ଆସିଥିବା ବେଳେ ୩ଟି ବସ୍ ଏବେ ବ୍ଲକ ଅଫିସ୍ ହତାରେ ରହୁଛି। ପ୍ରତିଦିନ ଏହି ବସ୍ ବ୍ଲକ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ପଞ୍ଚାୟତକୁ ଯାଇ ପୁଣି ଏଠାକୁ ଫେରୁଛି। ବ୍ଲକ ଅଧୀନ ୩୬ ପଞ୍ଚାୟତର ଶତାଧିକ



ବ୍ଲକ ଅଫିସ୍ ପରିସରରେ ପାର୍କିଂ ହୋଇଛି ଲକ୍ଷ୍ମୀ ବସ୍।

ଲୋକ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକ ଅଫିସ୍‌କୁ ଆସିଥାନ୍ତି। ବସ୍‌ଗୁଡ଼ିକ ବାହାରିବା ଓ ପ୍ରବେଶ କରିବା ବେଳେ ପର୍ଯ୍ୟାପ୍ତ ରାସ୍ତା ନ ଥିବାରୁ ଯାତାୟାତ, ବସ୍ ଚଳାଚଳ ସମୟରେ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି।

ବସ୍‌ରେ ଯିବାକୁ ଥିବା ଯାତ୍ରୀମାନେ ଭିଡ଼ ଜମାଉଥିବା ସହ ଦୀର୍ଘ ସମୟ ଧରି ଏଠାରେ ଅପେକ୍ଷା କରୁଥିବାରୁ ବ୍ଲକ କାର୍ଯ୍ୟାଳୟ ପରିସର ଏକପ୍ରକାର ବସ୍‌ଷ୍ଟାଣ୍ଡ ପାଲଟି ଯାଇଛି। ବ୍ଲକ ଅଫିସ୍‌କୁ ଆସୁଥିବା କର୍ମଚାରୀମାନଙ୍କ ବାଇକ୍, କାର୍ ରଖିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ମିଳୁନାହିଁ। ବାସୁଦେବପୁରରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାବେଳେ ଗତ କିଛି ମାସ ଧରି ସହରର ତାରିଣୀଛକ (ବାଲିନଗର)ଠାରେ ପରିବହନ ବିଭାଗ ତତ୍ତ୍ୱାବଧାନରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉଦ୍ୟମକ୍ରମେ ଆରମ୍ଭ ହୋଇଥିବା ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହା ଏବେ ଉଦ୍‌ଘାଟନ ଅପେକ୍ଷାରେ ଥିବାବେଳେ ଆଉ କିଛି ଆନୁଷଙ୍ଗିକ କାର୍ଯ୍ୟ ବାକି ରହିଛି। ନୂତନ ବିଧାୟକ ଅଶୋକ କୁମାର ଦାସ ସପ୍ତାହେ ତଳେ ଏହି ନବନିର୍ମିତ ବସ୍‌ଷ୍ଟାଣ୍ଡକୁ ତଦାରଖ କରିବା ସହ କିପରି ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଓ ଜନସାଧାରଣଙ୍କ କାର୍ଯ୍ୟରେ ଆସିବ, ସେ ଦିଗରେ ନିର୍ମାଣକାରୀ ସଂସ୍ଥାର କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ସରିଲେ ଖୁବ୍‌ଶୀଘ୍ର ଲକ୍ଷ୍ମୀ ବସ୍‌ଗୁଡ଼ିକୁ ରଖିବା ନିମନ୍ତେ ସେଠାକୁ ପଠାଇ ଦିଆଯିବ ବୋଲି କହିଛନ୍ତି।

## କାଡ଼ାନାଳ ଜବରଦଖଲ: ପରିଦର୍ଶନରେ ଆସିଲେ ଅଧିକାରୀ



ଜିଲା କାଡ଼ା ବିଭାଗ ଅଧିକାରୀମାନେ ତଦନ୍ତ କରୁଛନ୍ତି।

**ବନ୍ତ,୨୪।୭(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ତହସିଲ ଆଗରପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ କୁଆଁସମଡ଼ିଆ ମୌଜାର ଏକ କାଡ଼ାନାଳକୁ ଜଣେ ବ୍ୟକ୍ତି ଜବରଦଖଲ କରି ପାଚେରି ନିର୍ମାଣ କରିଛନ୍ତି। ଏଥିଯୋଗୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଚାଷୀମାନେ ତହସିଲଦାର ଓ ଜିଲାପାଳଙ୍କଠାରେ ପୂର୍ବରୁ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସେମାନେ ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ଫଳସ୍ୱରୂପ କାଡ଼ା ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜିଲା କାଡ଼ା ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଛୋଟରାୟ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ନାରାୟଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତି ପ୍ରମୁଖ ଏଠାକୁ ଆସି ପରିଦର୍ଶନ କରିଛନ୍ତି। ଉକ୍ତ ମୌଜାରେ ଥିବା କାଡ଼ାନାଳକୁ ଜନୈକ ବ୍ୟକ୍ତି ଅବରୋଧ କରି ପାଚେରି ନିର୍ମାଣ କରିଥିବା ସେମାନେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଅଧିକାରୀମାନେ ମୁଖ୍ୟ ଯନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ଅଧିକାରୀଙ୍କ ପରିଦର୍ଶନ ବେଳେ ବିରଞ୍ଚି ନାରାୟଣ ପାଣିଗ୍ରାହୀ, ରଞ୍ଜିତ କୁମାର ମହାନ୍ତି, ରବିନାରାୟଣ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

ପ୍ରକାଶଥାଉ କି, ଉକ୍ତ ମୌଜାର ପ୍ଲଟ ନଂ-୫୬୮, କିସମ-ରକ୍ଷିତ ଜମି ଉପରେ କାଡ଼ାନାଳ ଥିବାବେଳେ ଜନୈକ ବ୍ୟକ୍ତି ନିଜସ୍ୱ ଜମି ମଧ୍ୟରେ ପକ୍କା ପାଚେରି କରି ଜବରଦଖଲ କରିଛନ୍ତି। ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ଚାଷଜମିକୁ ଯାତାୟାତ କରିହେଉ ନାହିଁ। ଏ ସମ୍ପର୍କରେ ଗତ ୨୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା କାଡ଼ା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

### ଗହଣା ଦୋକାନୀଙ୍କ ଗାଡ଼ି ଡିକିରୁ ଲୁଟ୍

**ସିମୁଳିଆ, ୨୪।୭(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ଛକରେ ଥିବା ଜୟନ୍ତୀ ଜୁଏଲେରୀ ନାମକ ଗହଣା ଦୋକାନୀଙ୍କ ମୋଟର ସାଇକେଲ ଡିକିରୁ ନାଟକୀୟ ଭଙ୍ଗିରେ ଚୋରି ହୋଇଛି। ଗାଡ଼ି ଡିକିରୁ ୬ କେଜି ରୁପା ସହିତ ୩୩ ଗ୍ରାମ୍ ସୁନା ଅଳଙ୍କାରକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜୁଏଲେରୀ ମାଲିକ କରୁଣାକର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ କରୁଣାକର ଦୋକାନ ବନ୍ଦ କରି ନିଜ ମୋଟର ସାଇକେଲ ଡିକିରେ ସୁନା ରୁପା ଅଳଙ୍କାର ରଖି ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ପରେ ୪ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ତାଙ୍କ ନିକଟରେ ଅଟକିଥିଲେ। ଦୁଇଜଣ ଯୁବକ କରୁଣାକରଙ୍କ ପାଖକୁ ଆସି ସିମୁଳିଆ ଥାନା ଠିକଣା ସମ୍ପର୍କରେ କଥାବାର୍ତ୍ତା ହେଉଥିବା ବେଳେ ଅନ୍ୟ ଦୁଇ ଯୁବକ କୌଶଳ କରି ତାଙ୍କ ଡିକିରେ ଥିବା ଅଳଙ୍କାର ବ୍ୟାଗ୍‌କୁ ହାତେଇଥିଲେ। ସିମୁଳିଆରେ ଲଗାତାର ଚୋରି ବୃଦ୍ଧି ପାଉଥିଲେ ହେଁ ପୋଲିସ ଏହାର ଟେର ପାଇପାରୁ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

## ରେଳପଥ ପାର୍ଶ୍ୱରୁ ୧୫ଶହ ବସ୍ତା ଚୋରା କୋଇଲା ଜବତ



ଜବତ ହୋଇଥିବା କୋଇଲା।

**ତିହିଡ଼ି,୨୪।୭(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାଳିଆ-ନନ୍ଦପୁର ରେଳପଥ ପାର୍ଶ୍ୱରୁ ପୋଲିସ ୧୫ଶହ ବସ୍ତା ଚୋରା କୋଇଲା ଜବତ କରିଛି। ସୋମବାର ରାତିରେ ପାଟ୍ରୋଲିଂ ସମୟରେ ଚୋରା କୋଇଲା ରେଳପଥ ପାର୍ଶ୍ୱରେ ରଖାଯାଇଥିବା ତିହିଡ଼ି ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ସେଠାରେ ପହଞ୍ଚି ଚୋରା କୋଇଲା ଜବତ କରିଥିଲା। ଜବତ ହୋଇଥିବା କୋଇଲା ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍(ଡିପିସିଏଲ୍)ର ଜଣାପଡ଼ିବା ପରେ ମଙ୍ଗଳବାର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଭଦ୍ରକ-ଧାମରା ରେଳପଥରେ ଚାଲୁଥିବା କୋଇଲା ବୋଝେଇ ଟ୍ରେନ୍‌ରୁ ପ୍ରତିଦିନ ସହସ୍ରାଧିକ କୁଇଣ୍ଟାଲ କୋଇଲା ଚୋରି ହେଉଛି। ଜବତ ହୋଇଥିବା ଚୋରା କୋଇଲା ଚାଲାଣ ପାଇଁ ରଖାଯାଇଥିବା ନେଇ ସନ୍ଦେହ କରାଯାଉଛି। କୋଇଲା ଡିପିସିଏଲ୍‌ର ବୋଲି ଚିହ୍ନଟ ହେବା ପରେ ପୋଲିସ ହସ୍ତାନ୍ତର କରିଛି। ପ୍ରକାଶଥାଉ କି, ଗତ ମାସରେ ମଧ୍ୟ ପୋଲିସ ୧୦୫୦ ବସ୍ତା କୋଇଲା ରେଳପଥ ପାର୍ଶ୍ୱରୁ ଜବତ କରି ଡିପିସିଏଲ୍‌କୁ ହସ୍ତାନ୍ତର କରିଥିଲା।

## ନଳକୂପରୁ ପାଣି ନେବାକୁ କେନ୍ଦ୍ରକରି ଆକ୍ରମଣ

**ତିହିଡି,୨୪।୭ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ତଳକାଁପଡ଼ା ଗ୍ରାମରେ ନଳକୂପରୁ ପାଣି ନେବାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଗ୍ରାମର ସୁବ୍ରତ ଦାସ। ଏନେଇ ତାଙ୍କ ସ୍ତ୍ରୀ ରେବତୀ ଦାସଙ୍କ ଅଭିଯୋଗକ୍ରମେ ତିହିଡ଼ି ଥାନା ପୋଲିସ ଏକ ମାମଲା (ନଂ.୩୪୧/୨୪) ରୁଜୁ କରି ଉକ୍ତ ଗ୍ରାମର ମାନସ ଦାସ ନାମକ ଯୁବକଙ୍କୁ ବୁଧବାର ଗିରଫ ପରେ କୋର୍ଟଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ତଳକାଁପଡ଼ା ଗ୍ରାମରେ ଥିବା ନଳକୂପ ପାଖରେ କେହି ଗାଧୋଇ ପାରିବେ ନାହିଁ କିମ୍ବା ସଫା କରିପାରିବେ ନାହିଁ ବୋଲି ନିୟମ ହୋଇଥିଲା। ସୋମବାର ସକାଳେ ଲୀଳାବତୀ ଦାସ ନାମ୍ନୀ ମହିଳା ସେଠାରେ ଗାଧୋଉଥିବା ବେଳେ ରେବତୀ ବାଲ୍‌ତି ନେଇ ପାଣି ଆଣିବାକୁ ଯାଇଥିଲେ। ରେବତୀ ଟିକେ ଦୂରକୁ ଯାଇ ଗାଧୋଇବା ପାଇଁ ଲୀଳାବତୀଙ୍କୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଲୀଳାବତୀ ରେବତୀଙ୍କ ବାଲ୍‌ତିକୁ ଫିଙ୍ଗି ଦେଇଥିଲେ। ରେବତୀ ଏହାର ପ୍ରତିବାଦ କରିବାରୁ ଲୀଳାବତୀ ତାଙ୍କ ପରିବାରର ସଦସ୍ୟଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ସେମାନେ ରେବତୀଙ୍କୁ ଗାଳିଗୁଲଜ କରିବା ପରେ ତାଙ୍କ ସ୍ୱାମୀ ସୁବ୍ରତ ଘଟଣାସ୍ଥଳକୁ ଯାଇ ସ୍ତ୍ରୀଙ୍କୁ ସେଠାରୁ ନେଇ ଆସିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଲୀଳାବତୀଙ୍କ ପରିବାର ଲୋକେ ସୁବ୍ରତଙ୍କୁ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ଆକ୍ରମଣରେ ଗୁରୁତର ହୋଇଥିବା ସୁବ୍ରତଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ରାସ୍ତା ଖୋଳି ମାନ ଯାଞ୍ଚ

**ଭଣ୍ଡାରିପୋଖରୀ,୨୪।୭ (ରାଜେନ୍ଦ୍ର ଶତପଥୀ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ପଟାପୋଲଠାରୁ ନୂଆପୋଖରୀ ଦେଇ ରହଣିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମାନ ବୁଧବାର ଯାଞ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତା ନବୀକରଣରେ ଅର୍ଦ୍ଧାଧିକ ଭାଗ କଂକ୍ରିଟ ନିର୍ମିତ ହୋଇଥିବା ବେଳେ ନୂଆପୋଖରୀଠାରୁ ପଟାପୋଲ ଯାଏ ପିଚୁ ରାସ୍ତା ନିର୍ମାଣ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ତଦାରଖ କରୁଥିବା ରାଜ୍ୟସ୍ତରୀୟ ମାନ ନିର୍ଦ୍ଧାରକ ଅଧିକାରୀ ଗୁଣନିଧି ସାମଲ ଏହି ରାସ୍ତା ପରିଦର୍ଶନ କରିଛନ୍ତି। ପିଚୁ ହୋଇଥିବା



ରାସ୍ତାର ୮/୧୦ଟି ସ୍ଥାନରେ ଖୋଳି ବ୍ୟବହାର ହୋଇଥିବା ସାମଗ୍ରୀର ମାନ ଯାଞ୍ଚ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ ଓ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### ବାଲି ବୋଝେଇ ଟ୍ରକ୍ ଜବତ

**ଗୋପବନ୍ଧୁ ନଗର,୨୪।୭ (ଶାନ୍ତନୁ କୁମାର ମଲ୍ଲୁଆଳ)**

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରୁ ଏକ ଟ୍ରକ୍ ନକଲି ପରିମିଟ ନେଇ ଖୁଣ୍ଟା ଅଞ୍ଚଳକୁ ବେଆଇନ ବାଲି ବୋଝେଇ କରି ଯାଉଥିବା ବେଳେ କୁଶଳଦା ଫାଣ୍ଡି ପୋଲିସ ହାତରେ ଧରାପଡ଼ିଛି। ଉକ୍ତ ଡ୍ରାଇଭର ଥାନାରେ ଅଟକ ରହିଛି। ଟ୍ରକ୍‌ଟି ନୀଳଗିରି ଥାନା ସଜନାଗଡ଼ ଗ୍ରାମର ଦୈତାରୀ ବାରିକଙ୍କର ବୋଲି ପୋଲିସ କହିଛି। ଏନେଇ ଉଦଳା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ୫ ଶହ ଚାରା ବଣ୍ଟନ



ଇଣ୍ଡିଆନ ୱାରିଅର୍ସ ସଙ୍ଗଠନ କର୍ମକର୍ତ୍ତା ଚାରା ବାଣ୍ଟୁଛନ୍ତି।

**ତିହିଡ଼ି,୨୪।୭(ସଞ୍ଜିତ ବଳ)**

ତିହିଡ଼ି ବ୍ଲକର ଇଣ୍ଡିଆନ ୱାରିଅର୍ସ ସଙ୍ଗଠନ ପକ୍ଷରୁ ତିହିଡ଼ି ବଜାରରେ ଚାରା ବଣ୍ଟନ କରାଯାଇଛି। ଶିଶୁ, ଆକାଶୀ, ବେଲ, ପିଜୁଳି, ବଉଳ, ଅଁଳା ଇତ୍ୟାଦି ବିଭିନ୍ନ କିସମର ପ୍ରାୟ ୫ଶହ ଚାରା ବଣ୍ଟନ କରାଯାଇଥିଲା। ଗଛ ଲଗାଇ ଉପଯୁକ୍ତ ଯତ୍ନ ନେବାକୁ ସଙ୍ଗଠନର କର୍ମକର୍ତ୍ତାମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ରମେଶ ଦାସ, ସତ୍ୟ ସାବତ, ଦେବାଶିଷ ପଣ୍ଡା, ଜିତେନ୍ଦ୍ର ବେହେରା, ଦୋଳଗୋବିନ୍ଦ ସେଠୀ, ସଞ୍ଜୟ ବାରିକ, ଇତିସ୍ମିତା ପାଢ଼ୀ, ରାଜଶ୍ରୀ ନାୟକ, କାଜଲ ଲତା ଦାସ, ବର୍ଷା ହେମ୍ବ୍ରମ, ଦୀପିକା ବାରିକ, ମିତାରାଣୀ ମଲିକ, ଜିନାରାଣୀ ସାହୁ ପ୍ରମୁଖ ଚାରା ବାଣ୍ଟିଥିଲେ।

## ଏକକାଳୀନ ୫ ହଜାର ଚାରାରୋପଣ ପାଇଁ ପ୍ରୟାସ



**ଭଦ୍ରକ,୨୪।୭(ସନାତନ ରାଉତ)**

ଭଦ୍ରକ ରାନ୍ଧିଆର ଯୁବ ସାମାଜିକ କର୍ମୀ ଶାନ୍ତିସ୍ୱରୂପ ମିଶ୍ର ଗତ ଦୁଇବର୍ଷ ଧରି ଭଦ୍ରକ ବିଦ୍ୟାର୍ଥୀ ବିକାଶ ମଞ୍ଚ ମାଧ୍ୟମରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରି ଚର୍ଚ୍ଚାକୁ ଆସିଛନ୍ତି। ଚାରାରୋପଣ ପାଇଁ ଅଧିକାଂଶ ସମୟରେ ବିଭିନ୍ନ ନର୍ସରୀରୁ ମାଗଣାରେ ଚାରା ଯୋଗାଇଥାନ୍ତି। ତାଙ୍କ ଉଦ୍ୟମରେ ବ୍ୟାପକ ଚାରାରୋପଣ ହୋଇଥିବା ବେଳେ ଆସନ୍ତା ୨୮ ତାରିଖରେ ଏକକାଳୀନ ୫ ହଜାର ଚାରାରୋପଣ ଓ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଲାଗି ସେ ପ୍ରୟାସ କରିଛନ୍ତି। ଏହାବ୍ୟତୀତ ବାଗୁରାଇ ଆଦିବାସୀ କଲୋନୀର ବିପନ୍ନ ଓ ଅନାଥ ବିଦ୍ୟାର୍ଥୀମାନଙ୍କୁ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆଦିବାସୀ କଲୋନୀରେ ୨୦୧୦ରୁ ଚାଲୁଥିବା ବିଦ୍ୟାର୍ଥୀ ବିକାଶ ମଞ୍ଚର ସଂସ୍କାର କେନ୍ଦ୍ର ଗୃହର ମରାମତି ପାଇଁ ଆର୍ଥିକ ସହାୟତା ଦେଇଛନ୍ତି। ତାଙ୍କର ଏଭଳି ବଦାନ୍ୟତା ପାଇଁ ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ. ଦେବେନ୍ଦ୍ର ରାଉତ, ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ. ବ୍ରଜମୋହନ ମିଶ୍ରଙ୍କ ସମେତ କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି।

# ଓଉ ନାଳରେ ଅଟକୁନି ପାଣି

### ହଇରାଣ ହେଉଛନ୍ତି ଚାଷୀ

**ନୀଳଗିରି, ୨୪।୭(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗ ମା' ଭୂଧାରଚଣ୍ଡୀ ପାଣି ପଞ୍ଚାୟତ ଅଧୀନ ସଜନାଗଡ ନିକଟ ବଡ଼ପୋଲ ନିକଟ ଦେଇଯାଇଥିବା ଓଉନାଳ ଉପରେ ବନ୍ଧ ବାନ୍ଧି ଚାଷୀଙ୍କୁ ଜଳ ଯୋଗାଇ ଦିଆଯାଉଥିଲା। ଏବେ ଉକ୍ତ ଡ୍ୟାମ୍ ଗେଟ୍ ଶଟରରେ ବିରାଟ ବିଳ ହୋଇଯିବା, ଗିଅର୍ ବକ୍ସ ଭାଙ୍ଗିଯାଇଥିବା ଯୋଗୁ ପାଣି ସବୁ ବଡ଼ପୋଲ ଦେଇ ବହିଯାଉଥିବା ଜଳକୁ ଅଟକା ଯାଇପାରୁ ନ ଥିବାରୁ ସମସ୍ତ ଚାଷକୁ ପାଣି ମାଡ଼ିପାରୁନି।

ଚାଷୀ ନିଜ ଉଦ୍ୟମରେ ବୁରା ଆଦି ପ୍ୟାକିଂ ଦେଇ ବନ୍ଦ କଲେ କିଛି ପାଣିକୁ ନେଇ ଚାଷଜମିକୁ ଜଳସେଚନ ହେଉଛି। ଫଳରେ ଏକର ଏକର ଜମି ଶୁଖିଲା



ପଡ଼ିଛି। ଏନେଇ ସ୍ଥାନୀୟ ଚାଷୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣି ନ ଶୁଣିଲା ପରି ଅଭିନୟ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ନୀରବଦ୍ରଷ୍ଟା ସାଜିଛନ୍ତି। ତେବେ କିଛିଦିନ ହେବ ଚାଷୀଙ୍କ ଅଭିଯୋଗ ପରେ ଏକ ମେଶିନ ସାହାଯ୍ୟରେ ନାଳରେ ଥିବା କିଛି ଅଂଶକୁ ସଫା କରାଯାଇଛି। ତେବେ ବନ୍ଧରେ ଲଗାଯାଇଥିବା ଗେଟର ସଟର ଏବଂ ଗିୟରବକ୍ସ ଚେଞ୍ଜ କରାଯାଇ ନୂତନ ଭାବେ ମରାମତି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ନିର୍ମାଇଁ ନାୟକ କହିଛନ୍ତି, ଅର୍ଥ ମଞ୍ଜୁର ହୋଇଛି। ବର୍ଷାଦିନ ପରେ କାମ ଆରମ୍ଭ ହେବ।

## ସଂକ୍ଷେପରେ

### ଗହଣା ଦୋକାନୀଙ୍କ ଗାଡ଼ି ଡିକିରୁ ଲୁଟ୍

ସିମୁଳିଆ, ୨୪।୭(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ଛକରେ ଥିବା ଜୟନ୍ତୀ ଜୁଏଲେରୀ ନାମକ ଗହଣା ଦୋକାନୀଙ୍କ ମୋଟର ସାଇକେଲ ଡିକିରୁ ନାଟକୀୟ ଢଙ୍ଗରେ ଚୋରି ହୋଇଛି। ଗାଡ଼ି ଡିକିରୁ ୬ କେଜି ରୁପା ସହିତ ୩୩ ଗ୍ରାମ୍ ସୁନା ଅଳଙ୍କାରକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜୁଏଲେରୀ ମାଲିକ କରୁଣାକର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ କରୁଣାକର ଦୋକାନ ବନ୍ଦ କରି ନିଜ ମୋଟର ସାଇକେଲ ଡିକିରେ ସୁନା ରୁପା ଅଳଙ୍କାର ରଖି ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ପରେ ୪ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ତାଙ୍କ ନିକଟରେ ଅଟକିଥିଲେ। ଦୁଇଜଣ ଯୁବକ କରୁଣାକରଙ୍କ ପାଖକୁ ଆସି ସିମୁଳିଆ ଥାନା ଠିକଣା ସମ୍ପର୍କରେ କଥାବାର୍ତ୍ତା ହେଉଥିବା ବେଳେ ଅନ୍ୟ ଦୁଇ ଯୁବକ କୌଶଳ କରି ତାଙ୍କ ଡିକିରେ ଥିବା ଅଳଙ୍କାର ବ୍ୟାଗ୍‌କୁ ହାତେଇଥିଲେ। ସିମୁଳିଆରେ ଲଗାତାର ଚୋରି ବୃଦ୍ଧି ପାଉଥିଲେ ହେଁ ପୋଲିସ ଏହାର ଟେର ପାଇପାରୁ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

### ସ୍କୁଲରୁ ଚୋରି ବେଳେ ଧରାପଡ଼ିଲେ ୨ ନାବାଳକ

ଭୋଗରାଇ, ୨୪।୭(ପ୍ରଦୀପ ଦାସ)

ବିଭିନ୍ନ ବିଦ୍ୟାଳୟ, ମନ୍ଦିର, ଘର ଓ ଦୋକାନରୁ କୌଶଳକ୍ରମେ ଚୋରି କରୁଥିଲେ ଦୁଇ ଦଶମ ଶ୍ରେଣୀର ଛାତ୍ର। ଚୋରି ସାମଗ୍ରୀକୁ ବିଭିନ୍ନ ସ୍ଥାନରେ ବିକ୍ରି କରି ମିଳୁଥିବା ଟଙ୍କାରେ ମଉଜ ମଜଲିସ କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ସମ୍ପୃକ୍ତ ୨ ନାବାଳକ ମଙ୍ଗଳବାର ବିଳମ୍ବିତ ରାତିରେ ସ୍କୁଲ ଘରୁ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ମାଡ଼ ଖାଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅନଳିଆ ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ନାବାଳକ ସ୍କୁଲ ଭିତରେ ପଶି ଅଫିସ ଗେଟ ତାଲା ଭାଙ୍ଗି ୭ଟି ଆଲମିରା ତାଲାକାଟି କିଛି ଟଙ୍କା, ସହିତ ଡାକବାଜି ଯନ୍ତ୍ରର ସାଉଣ୍ଡ ମେଶିନ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ସନ୍ଦେହ କରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କୁ ଦେଖି ଉଭୟେ ଘଟଣାସ୍ଥଳରୁ ଚମ୍ପଟ ମାରୁଥିବାବେଳେ ଧରାପଡିଯାଇଥିଲେ। ଲୋକେ କାବୁ କରି ସ୍କୁଲ ଘରେ ଦୁଇ ହାତବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ସେମାନଙ୍କଠାରୁ ଏକ ବାଇକ୍, ତାଲା ଭଙ୍ଗା ଲୁହା ଯନ୍ତ୍ର, ସାଉଣ୍ଡମେଶିନ ପୋଲିସ ଜବତ କରିଛି। ଏହି ଦୁଇ ଅପରାଧୀ ନିକଟସ୍ଥ ମାନକୁଣ୍ଡା ସୀମାନ୍ତ ହାଇସ୍କୁଲରୁ ଚୋରି କରିବା ସହିତ ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ଚୋରି କରିଥିବା ସ୍ୱୀକାର କରିଛନ୍ତି। ଭୋଗରାଇ ପୋଲିସ ପହଞ୍ଚି ଦୁଇ ନାବାଳକଙ୍କୁ ଉଦ୍ଧାର କରିବା ସହିତ ଏକ ମାମଲା (ନଂ୨୫୯/୨୪) ରୁଜୁ କରି ବାଲେଶ୍ୱର ଜୁଭେନାଇଲ କୋର୍ଟକୁ ଚାଲାଣ କରିଛି।

# ଶୁଭାରମ୍ଭ ହେଲା ଗ୍ରୀନ୍ ସ୍କୁଲ କାର୍ଯ୍ୟକ୍ରମ

## ପରିବେଶ ଶିକ୍ଷା ଉପରେ ଦିଆଯିବ ଗୁରୁତ୍ୱ

ବାଲେଶ୍ୱର,୨୪।୭(ମାନସ ବିଶ୍ୱାଳ)



ଗ୍ରୀନ ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ବାଲିଆପାଳଠାରେ ଟାଟା ଷ୍ଟିଲ ଫାଉଣ୍ଡେଶନ ଓ ଏନର୍ଜି ଆଣ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ (ଟେରି) ସହଯୋଗରେ ଗ୍ରୀନ୍ ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପ୍ରସ୍ତାବିତ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରକଳ୍ପ ଆଖପାଖରେ ଥିବା ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ପରିବେଶ ଶିକ୍ଷାକୁ ଏଥିରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ବାଲିଆପାଳ ବ୍ଲକ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଏସଏସପିଏଲର କର୍ପୋରେଟ ସର୍ଭିସେସ ଡିଭିଜିନାଲ ମ୍ୟାନେଜର ବିରଜା ଶଙ୍କର ଦାସ ଏବଂ ଟେରିର ଏକ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନବରା ବସ୍ତା ବ୍ଲକର ଶମ୍ଭୁନାଥ ବିଦ୍ୟା ପୀଠ ସମେତ ବାଲିଆପାଳ ପ୍ରତାପପୁରସ୍ଥିତ ନିଶାମଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ଆଦର୍ଶ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯେଉଁଠାରେ ପିଲାମାନେ ସଂରକ୍ଷଣ ଏବଂ ସ୍ଥାୟିତ୍ୱ ଉଦ୍ଦେଶ୍ୟରେ ମଡ୍ୟୁଲ୍ ଏବଂ ସବୁଜ ଅଭ୍ୟାସ ଶିଖିପାରିବେ ଏବଂ ସେଥିରେ ନିୟୋଜିତ ହୋଇପାରିବେ ଯାହା ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଅନୁସରଣ କରିବା ପାଇଁ ଏକ ମାନଦଣ୍ଡ ସ୍ଥିର କରିବ। ଏହି ପ୍ରାରମ୍ଭିକ ବିଦ୍ୟାଳୟଗୁଡ଼ିକର ସଫଳତା ସମଗ୍ର ଜିଲାରେ ସବୁଜ ବିଦ୍ୟାଳୟ କାର୍ଯ୍ୟକ୍ରମର ବ୍ୟାପକ ଭାବେ ବିସ୍ତାର କରିବା ପାଇଁ ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମ କେବଳ ଏକ ଶିକ୍ଷଣୀୟ ପଦକ୍ଷେପ ନୁହେଁ; ଏହା ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଅଭିଯାନ।

ଏସପିପିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ 'ପରିବର୍ତ୍ତନଶୀଳ ବିଶ୍ୱ ଓ ଜଳବାୟୁକୁ ଭଲ ଭାବେ ବୁଝିବା ନିହାତି ଜରୁରୀ ଅଟେ। ବାଲିଆପାଳରେ ଏହି ଗ୍ରୀନ ସ୍କୁଲ କାର୍ଯ୍ୟକ୍ରମ ଶିକ୍ଷା ଓ ସଚେତନତା ପାଇଁ ବାଟ ଖୋଲିବା ସହ ଆସନ୍ତାକାଲିର ପରିବେଶ ଚାମ୍ପିୟନ ସୃଷ୍ଟି କରିବ।

# ମାସିକ ମହାମିଳନ ଉତ୍ସବ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୪।୭



ମନ୍ଦିରରେ ପୂଜା ପାଉଥିବା ମୂର୍ତ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପଞ୍ଚାୟତରେ ଥିବା ରାଧାମୋହନ ମନ୍ଦିରରେ ବୁଧବାର ମନ୍ଦିରର ମାସିକ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହାମିଳନ ଉତ୍ସବରେ ଦୂରଦୂରାନ୍ତ ସହିତ ସ୍ଥାନୀୟ ଅଞ୍ଚଳରୁ ଗୌଡ଼ୀୟ ଓ ଇସ୍କନ୍ ବୈଷ୍ଣବଙ୍କ ସହିତ ବାଲିଆପାଳ ଅଞ୍ଚଳର ବହୁ ସନାତନ ଧର୍ମୀ ମହିଳା ଓ ପୁରୁଷ ଭକ୍ତ ଯୋଗ ଦେଇଥିଲେ। ପ୍ରତିଦିନ ପରି ବୁଧବାର ମଧ୍ୟ ପ୍ରାତଃରେ ମଙ୍ଗଳଆଳତୀ ହୋଇ ପୂଜାର୍ଚ୍ଚନା ହେବା ପରେ ଦର୍ଶନ ଆରତୀ ହୋଇଥିଲା। ପରେ ଶ୍ରୀପାଦ ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀଙ୍କ ହରି କଥାରେ ଭକ୍ତମାନେ ଭାବବିହ୍ୱଳ ହୋଇଥିଲେ। ପରେ ଉପସ୍ଥିତ ଭକ୍ତମାନେ ପ୍ରସାଦସେବନ କରିଥିଲେ। ଭକତା ଚରଣ ନନ୍ଦୀ ଉପସ୍ଥିତ ଭକ୍ତମାନଙ୍କୁ ପ୍ରସାଦସେବା କରାଇଥିଲେ। ମନ୍ଦିର ପ୍ରତିଷ୍ଠାତା ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଶେଷ ହୋଇଥିଲା।

# ଖୋଟ ଚାଷୀଙ୍କ ସମସ୍ୟା ନେଇ ପ୍ରଶ୍ନ କଲେ ବିଧାୟକ

ଭୋଗରାଇ, ୨୪।୭ (ପ୍ରଦୀପ ଦାସ)



ବିଧାୟକ ଗୌତମବୁଦ୍ଧ ଦାସ

ବାଲେଶ୍ୱର ଜିଲାରେ ଖୋଟ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଭାରତୀୟ ଖୋଟ ନିଗମ ଚାଷୀଙ୍କଠାରୁ ଏମ୍ଏସ୍‌ପି କୁଇଣ୍ଟାଲ ସର୍ବନିମ୍ନ ମୂଲ୍ୟ ୫ହଜାର ୫୦ଟଙ୍କାରେ କିଣୁଥିଲେ ମଧ୍ୟ ବର୍ଷକୁ ବଳକା ୭ଶହ ମେଟ୍ରିକ ଟନ୍ ଖୋଟ କିଣୁ ନ ଥିବାରୁ ଚାଷୀମାନେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ୧ହଜାରରୁ ୨ହଜାର ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର କୃଷି ଓ କୃଷକର ସଶକ୍ତିକରଣ ପାଇଁ କ'ଣ ପଦକ୍ଷେପ ନେଉଛନ୍ତି ବୋଲି ବିଧାନସଭାରେ କୃଷିମନ୍ତ୍ରୀଙ୍କୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ୩୭ ନଂ. ତାରକା ପ୍ରଶ୍ନ ପଚାରିଥିଲେ।

କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉତ୍ତରରେ ଗତ ୨୦୨୩-୨୪ରେ ବାଲେଶ୍ୱର ଜିଲାରେ ୭୬୦ ହେକ୍ଟର ଜମିରେ ଖୋଟ ଚାଷ କରାଯାଇ ୯ଶହ ୬୦ ମେଟ୍ରିକ ଟନ୍ ଉତ୍ପନ୍ନ କରାଯାଇଛି। ସରକାର ୧୧୪.୫୭୯ ମେଟ୍ରିକ ଟନ୍ ଖୋଟ ଚାଷୀଙ୍କଠାରୁ ଭାରତୀୟ ଖୋଟ ନିଗମ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୫ହଜାର ୫୦ଟଙ୍କା ଦେଇ କିଣିଥିବା କହିଥିଲେ। ବାଲେଶ୍ୱର ଜିଲାରେ ଭାରତୀୟ ଖୋଟ ନିଗମ ଖୋଟକିଣା ଧାର୍ଯ୍ୟଠାରୁ କମ୍ କିଣୁଥିବାରୁ ଚାଷୀମାନେ ବଳକା ଖୋଟକୁ ଶାଗ ମାଛ ଦାମ୍‌ରେ ବିକ୍ରି କରୁଥିବା ଭୋଗରାଇ ବିଧାୟକ କହିଥିଲେ। ସରକାର ପ୍ରୋତ୍ସାହନ ନ ଦେବାରୁ ଚାଷୀଙ୍କ ଆଗ୍ରହ କମୁଥିବା ଓ ବାଲେଶ୍ୱରୁ ଭଦ୍ରକ ଲାଙ୍ଗୁଡିଠାରେ ଭାରତୀୟ ଖୋଟ ନିଗମକୁ ବିକ୍ରି କରିବା କୃଷିମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ବୋଲି ବିଧାୟକ କହିଛନ୍ତି। ଅପରପକ୍ଷରେ କାଳିଆ ଯୋଜନା କାର୍ଯ୍ୟକାରୀ ସମ୍ପର୍କରେ ଅନ୍ୟ ଏକ ପ୍ରଶ୍ନରେ ମନ୍ତ୍ରୀ ଉଚ୍ଚସ୍ତରୀୟ ଆଲୋଚନା କରାଯାଉଛି ବୋଲି ବିଧାନସଭାରେ ଉତ୍ତର ଦେଇଥିଲେ।

# ଓଉ ନାଳରେ ଅଟକୁନି ପାଣି

## ହଇରାଣ ହେଉଛନ୍ତି ଚାଷୀ

ନୀଳଗିରି, ୨୪।୭(ସନ୍ତୋଷ ନାୟକ)



ବାଲେଶ୍ୱର ଜିଲା ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗ ମା' ଭୁଧାରଚଣ୍ଡୀ ପାଣି ପଞ୍ଚାୟତ ଅଧୀନ ସଜନାଗଡ ନିକଟ ବଡ଼ପୋଲ ନିକଟ ଦେଇଯାଇଥିବା ଓଉନାଳ ଉପରେ ବନ୍ଧ ବାନ୍ଧି ଚାଷୀଙ୍କୁ ଜଳ ଯୋଗାଇ ଦିଆଯାଉଥିଲା। ଏବେ ଉକ୍ତ ଡ୍ୟାମ୍ ଗେଟ୍ ଶଟରରେ ବିରାଟ ବିଳ ହୋଇଯିବା, ଗିଅର୍ ବକ୍ସ ଭାଙ୍ଗିଯାଇଥିବା ଯୋଗୁ ପାଣି ସବୁ ବଡ଼ପୋଲ ଦେଇ ବହିଯାଉଥିବା ଜଳକୁ ଅଟକା ଯାଇପାରୁ ନ ଥିବାରୁ ସମସ୍ତ ଚାଷକୁ ପାଣି ମାଡ଼ିପାରୁନି।

ଚାଷୀ ନିଜ ଉଦ୍ୟମରେ ବୁରା ଆଦି ପ୍ୟାକିଂ ଦେଇ ବନ୍ଦ କଲେ କିଛି ପାଣିକୁ ନେଇ ଚାଷଜମିକୁ ଜଳସେଚନ ହେଉଛି। ଫଳରେ ଏକର ଏକର ଜମି ଶୁଖିଲା ପଡ଼ିଛି। ଏନେଇ ସ୍ଥାନୀୟ ଚାଷୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣି ନ ଶୁଣିଲା ପରି ଅଭିନୟ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ନୀରବଦ୍ରଷ୍ଟା ସାଜିଛନ୍ତି। ତେବେ କିଛିଦିନ ହେବ ଚାଷୀଙ୍କ ଅଭିଯୋଗ ପରେ ଏକ ମେଶିନ ସାହାଯ୍ୟରେ ନାଳରେ ଥିବା କିଛି ଅଂଶକୁ ସଫା କରାଯାଇଛି। ତେବେ ବନ୍ଧରେ ଲଗାଯାଇଥିବା ଗେଟର ସଟର ଏବଂ ଗିୟରବକ୍ସ ଚେଞ୍ଜ କରାଯାଇ ନୂତନ ଭାବେ ମରାମତି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ନିର୍ମାଇଁ ନାୟକ କହିଛନ୍ତି, ଅର୍ଥ ମଞ୍ଜୁର ହୋଇଛି। ବର୍ଷାଦିନ ପରେ କାମ ଆରମ୍ଭ ହେବ।

# ସୁସାହିତ୍ୟିକ ଥିଲେ ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ବିଜୟ ସି

କାଳିପଦା,୨୪।୭ (ରାଜଶ୍ରୀ ପାଣିଗ୍ରାହୀ)



ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ତଥା ସୁ-ସାହିତ୍ୟିକ ଡ. ବିଜୟ କୁମାର ସିଙ୍କ ଗତ ୧୭ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ଖେଳିଯାଇଛି। ଅନେକ ପୁସ୍ତକ ରଚନା କରି ଜଣେ ଲେଖକ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ଜଣେ ସୁ-ସାହିତ୍ୟିକ ଭାବେ ସେ ମଧ୍ୟ ଖ୍ୟାତିଅର୍ଜନ କରିଥିଲେ। ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମରେ ଜନ୍ମିତ ବିଜୟ କୁମାର ସି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ହୋଇଥିଲେ। ଚାକିରୀ ଜୀବନ କାଳରେ ବହୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦକ୍ଷ ଡାକ୍ତର ଭାବେ କାର୍ଯ୍ୟ କରିବା ସହିତ କଟକ, ବ୍ରହ୍ମପୁର, ସମ୍ବଲପୁର ଆଦି ମେଡିକାଲ କଲେଜରେ ଅଧ୍ୟାପକ/ପ୍ରାଧ୍ୟାପକ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପଦବୀକୁ ଯାଇ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ସୁଧୀର କୁମାର ଖଣ୍ଡା, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ, ଆବାହକ ଡ. ସୁକାନ୍ତ କୁମାର ଗିରି, ସମ୍ପାଦକ ଗୋପାଳକୃଷ୍ଣ ବିଶ୍ୱାଳ, ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ସମ୍ପାଦକ ସନ୍ନ୍ୟାସୀ ବେହେରା, ସୁବର୍ଣ୍ଣରେଖା ପ୍ରେସ କ୍ଲବର ଗୋପନାରାୟଣ ଜେନା, ସଞ୍ଜୟ କୁମାର ଗିରି, କବିତା ପ୍ରଧାନ, ଅବସରପ୍ରାପ୍ତ ପ୍ରଧାପିକା ବିନୋଦିନୀ ପାତ୍ର, ଡ. ସୁଶାନ୍ତ କୁମାର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବର୍ଷା ଦିନ ପୂର୍ବରୁ ରାସ୍ତା ଖୋଳି ଛାଡ଼ିଦେଲେ

## ସାରଡାଙ୍ଗ-କୁଣ୍ଡି ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯାତ୍ରୀଙ୍କ ଦୁରବସ୍ଥା

ଖଇରା, ୨୪।୭(ଉତ୍କଳବନ୍ଧୁ ପଣ୍ଡା)



ଠିକାଦାର ଖୋଳି ଛାଡିଦେଇଥିବା ସାରଡାଙ୍ଗ-କୁଣ୍ଡି ରାସ୍ତା।

ବାଲେଶ୍ୱର ଜିଲା ଖଇରା-ସିମୁଳିଆ ୨ ବ୍ଲକକୁ ସଂଯୋଗ କରୁଥିବା ସାରଡାଙ୍ଗ-କୁଣ୍ଡି ଭାୟା ବାରାକୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା(ସିଏମ୍ଆର୍ଏଲ୍) ନିର୍ମାଣରେ ବିଳମ୍ବ ଯୋଗୁ ଯାତ୍ରୀମାନେ ଏବେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ଦିନ ପୂର୍ବରୁ ଠିକାଦାର ରାସ୍ତା ଖୋଳି ମାଟି ଫିଲିଂ କରି ଛାଡିଦେଇଥିବାରୁ ସାଇକେଲ କି ମୋଟରସାଇକେଲ ପଛ କଥା, ଯାତ୍ରୀମାନେ ଏବେ ଚାଲି ଚାଲି ଯିବା ମୁସ୍କିଲ ହୋଇପଡିଛି। ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ରାସ୍ତାକୁ ଯାତାୟାତ ଉପଯୋଗୀ କରିବାକୁ କେଶବ ନାୟକ, ଛାୟାକାନ୍ତ ମହାନ୍ତି, ଲକ୍ଷ୍ମଣ ମାଝି, ବାବୁ ମାଝି, ନିରାକାର ବେହେରା, ସଞ୍ଜୟ ମହାନ୍ତି ଓ ରାଜେଶ କୁମାର ବାରିକ ପ୍ରମୁଖ ଦାବି କରିଛନ୍ତି। ଜାନୁଆରୀ ୨୩ରେ ରାସ୍ତା ଶିଳାନ୍ୟାସ କରାଯାଇଥିଲା। ରାସ୍ତା ନିର୍ମାଣ ପାଇଁ ୨କୋଟି ୬୫ଲକ୍ଷ ପ୍ରଦାନ କରାଯାଇଛି। ରାସ୍ତାଟି ଖଇରା ସିମୁଳିଆର କିଛି ଅନୁନ୍ନତ ଗାଁକୁ ସଂଯୋଗ କରୁଥିବା ବେଳେ ବାରାକୁଟି ଭଳି ଆଦିବାସୀ ବହୁଳ ଗାଁକୁ ପ୍ରଥମ କରି ପକ୍କା ସଡକ ନିର୍ମାଣ ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ଗ୍ରାମବାସୀଙ୍କ ଖୁସି ସୀମା ଲଂଘିଥିଲା । ହେଲେ ଶୁଭ ଦିଆଯିବାର ୩ମାସ ପର୍ଯ୍ୟନ୍ତ ଠିକାଦାର ରାସ୍ତାରେ ମାଟି ମୁଠାଏ ପକାଇ ନ ଥିଲେ। ମାର୍ଚ୍ଚ ପରେ ରାସ୍ତା ସମ୍ପ୍ରସାରଣ ପାଇଁ ଦୁଇ ପାର୍ଶ୍ୱ ଖୋଳି ଦେଇଥିଲେ। ହେଲେ ସାରଡାଙ୍ଗ, ମିର୍ଜାପୁର, ବାରାକୁଟି ଓ ଅରଖପଦା ଭଳି ଗ୍ରାମବାସୀଙ୍କ ଯିବା ଆସିବାକୁ ଦୃଷ୍ଟି ଦେଇ ନ ଥିଲେ। ଏବେ ଝିପିଝିପି ବର୍ଷା ପରେ ରାସ୍ତା କାଦୁଅ ପଚ ପଚ ହୋଇପଡିଥିବାରୁ ଗ୍ରାମବାସୀ ଏବେ ଘରୁ ବାହାରିବାକୁ ଭୟ କରୁଛନ୍ତି। ରାସ୍ତାର ଅବଧି ସରିବାକୁ ଆଉ କିଛିଦିନ ବାକି ଥିବା ବେଳେ ଏବେ ସୁଦ୍ଧା ୩୦ଭାଗ କାମ ସରିନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରତି କୋହଳ ମନୋଭାବ ଯାତ୍ରୀଙ୍କ ଦୁର୍ଦ୍ଦଶା ପାଇଁ ଦାୟୀ ବୋଲି ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ସତ୍ୟବ୍ରତ ଚାନ୍ଦଙ୍କୁ ଯୋଗାଯୋଗ କରିବାରେ କିଛି ସ୍ଥାନରେ କଂକ୍ରିଟ ନିର୍ମାଣ ପାଇଁ ଗ୍ରାମବାସୀ ଜିଦ୍ କରୁଥିବାରୁ ଏଷ୍ଟିମେଟ ପରିବର୍ତ୍ତନ ପାଇଁ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଯେଉଁଥିପାଇଁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା କହିଛନ୍ତି।

### ଛୁରାମାଡ଼ ଘଟଣା: ବାଳ ସୁଧାର ଗୃହକୁ ଗଲେ ନାବାଳକ

ବଡ଼ବିଲ,୨୪।୭ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ନୋଡାଲ ସ୍କୁଲ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ହୋଇଥିବା ଛୁରାମାଡ଼ ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ବୁଧବାର କେନ୍ଦୁଝର କୋର୍ଟରେ ହାଜର କରାଇ ବାଳ ସୁଧାର ଗୃହକୁ ପଠାଇଛି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ସିଗାରେଟ ଟାଣିବାକୁ ନେଇ ୨ ନାବାଳକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହଠାତ୍ ଜଣେ ଅନ୍ୟ ଜଣଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ଗୁରୁତର ହୋଇଥିବା ନାବାଳକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ନାବାଳକଙ୍କୁ କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ହାଜର ପରେ ସୁଧାର ଗୃହକୁ ପଠାଯାଇଛି।

### ବାଇକ୍ ଧକ୍କାରେ ବୃଦ୍ଧ ମୃତ, ଚାଳକ ଗିରଫ

ବଡ଼ବିଲ, ୨୪।୭ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲୀପ ବେରା(୬୨)। ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ରାଜେଶ ଲୋହାର ନାମକ ଯୁବକ ଏକ ବାଇକ୍‌ରେ ବଡ଼ବିଲ ମୁଖ୍ୟରାସ୍ତା ଦେଇ ଝାଡ଼ଖଣ୍ଡ ରାଜ୍ୟ ବଡ଼ଜାମଦା ଅଭିମୁଖେ ଯାଉଥିଲେ। ବଡ଼ବିଲ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ରାଜେଶଙ୍କ ବାଇକ୍ ସମ୍ମୁଖକୁ ଦିଲୀପ ଆସି ଯାଇଥିଲେ। ଫଳରେ ବାଇକ୍ ଧକ୍କାରେ ସେ ଦୂରକୁ ଛିଟିକି ପଡ଼ିଥିଲେ। ବାଇକ୍ ଚାଳକ ରାଜେଶ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦିଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ବୁଧବାର ବାଇକ୍‌ଟିକୁ ଜବତ କରିବା ସହ ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଛଉ କଳାକାରଙ୍କୁ ସମ୍ବର୍ଦ୍ଧନା





ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୨୪।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କଳାକାର ଦିବସ ଅବସରରେ ରାଜ୍ୟ କଳାକାର ସ୍ୱର ଭୁବନେଶ୍ୱର ସଂସ୍ଥା ପକ୍ଷରୁ ମୟୂରଭଞ୍ଜ ଜିଲା ବାରିପଦାର ଛଉ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳା କ୍ଷେତ୍ରରେ ଅବଦାନ ଥିବା ରାଜ୍ୟର କୋଣ ଅନୁକୋଣରୁ ବଛାବଛା ୩୦ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛଉ ନୃତ୍ୟର ବିକାଶ ଓ ଉନ୍ନତି ପାଇଁ ଗୁରୁ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଲଡୁକେଶ୍ୱର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### କ୍ରୀଡ଼ା ପ୍ରଦର୍ଶନ ବେଳେ ଛାତ୍ର ଗୁରୁତର

ପାଟଣା, ୨୪।୭ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଗୋପୀନାଥ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର କ୍ରୀଡ଼ା ପ୍ରଦର୍ଶନ ବେଳେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଉଛନ୍ତି ନୂଆପଡ଼ା ଗ୍ରାମର ଦନାର୍ଦ୍ଦନ ମହାନ୍ତଙ୍କ ପୁଅ ଦୀପେଶ କୁମାର। କ୍ରୀଡ଼ା ସପ୍ତାହ ଅବସରରେ ସ୍କୁଲ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ବାଡ଼ି ଡିଆଁ ଖେଳୁଥିଲେ। ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ଓ ଅନ୍ୟ ଶିକ୍ଷକମାନେ ଦୀପେଶଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଡାହାଣ ଗୋଡ଼ ଆଣ୍ଠୁ ଓ ପାଦ ଖଞ୍ଜା ଖସି ଯାଇଥିବା ଡାକ୍ତର କହିଛନ୍ତି।

# ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୪।୭ (ଶାନ୍ତନୁ କୁମାର ମଲୁଆଳ)

ଖୁଣ୍ଟା ଥାନା ଅଧୀନ ଡେଙ୍ଗାମ ପଞ୍ଚାୟତର ବିପ୍ରଚରଣ ପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଞ୍ଜୟ ହେମ୍ବ୍ରମଙ୍କ ପୁଅ ରାଜୁ (୨୧)। ଗତ ୮ ତାରିଖ ସନ୍ଧ୍ୟାରେ ଘର ସାମ୍ନାରେ ଏକ ବିଷାକ୍ତ ସାପ ରାଜୁଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦଳା, ବାରିପଦା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଘଟିବାରୁ ମଙ୍ଗଳବାର ଡାକ୍ତରଙ୍କ ପରାମର୍ଶ କ୍ରମେ ଘରକୁ ଫେରାଇ ଆଣିଥିଲେ। ବୁଧବାର ଘରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜୁ ରାଢ଼ୋ କଲେଜରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୧/୨୪) ରୁଜୁ ହୋଇଛି।

### ବାଲି ବୋଝେଇ ଟ୍ରକ୍ ଜବତ

ଗୋପବନ୍ଧୁ ନଗର,୨୪।୭ (ଶାନ୍ତନୁ କୁମାର ମଲୁଆଳ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରୁ ଏକ ଟ୍ରକ୍ ନକଲି ପରିମିଟ ନେଇ ଖୁଣ୍ଟା ଅଞ୍ଚଳକୁ ବାଲି ବୋଝେଇ କରି ଯାଉଥିବା ବେଳେ କୁଶଳଦା ଫାଣ୍ଡି ପୋଲିସ ଧରିଛି। ଟ୍ରକ୍‌ଟି ନୀଳଗିରି ଥାନା ସଜନାଗଡ଼ ଗ୍ରାମର ଦୈତାରୀ ବାରିକଙ୍କର। ଏନେଇ ଉଦଳା ଥାନାରେ ମାମଲା ରୁଜୁ ହୋଇଛି।

# ବାଙ୍ଗିରିପୋଷିରେ ମ୍ୟାଲେରିଆ ଆତଙ୍କ

## ନାବାଳିକାଙ୍କ ମୃତ୍ୟୁ, ୧୩୬ ପଜିଟିଭ୍ ଚିହ୍ନଟ

ବାଙ୍ଗିରିପୋଷି,୨୪।୭ (ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ମ୍ୟାଲେରିଆ ଆତଙ୍କ ଦେଖାଦେଇଛି। ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ଥିତି ସଙ୍ଗୀନ ହୋଇଛି। ସରକାରୀ ହିସାବରେ ପଜିଟିଭ୍ ଚିହ୍ନଟ ରୋଗୀଙ୍କ ସଂଖ୍ୟା ୧୩୬ ରହିଥିବା ବେଳେ ବାସ୍ତବରେ କିନ୍ତୁ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଗ୍ରାମାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି। ଅନ୍ୟପଟେ କାଗଜ କଲମରେ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ଅଭିଯୋଗ ହୋଇଛି। ମ୍ୟାଲେରିଆ ନିରାକରଣ ପାଇଁ ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀଙ୍କୁ ଅଞ୍ଚଳରେ ଦେଖିବାକୁ ମିଳୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବଡ଼ସାହି ଥାନା ଅଧୀନ କାଣିମହୁଲି ଗ୍ରାମର ଲବ କିଶୋର ହେମ୍ବ୍ରମଙ୍କ ଝିଅ ମିନତୀ। ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ସୋରିଷପାଳ ପଞ୍ଚାୟତର ଘଟିଡୁବା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ସେ ରହୁଥିଲେ। ମିନତୀଙ୍କୁ ଜ୍ୱର ହେବାରୁ ସ୍ଥାନୀୟ ଆଶାକର୍ମୀଙ୍କ ସହ ଯୋଗାଯୋଗ କରିଥିଲେ। ଗତ ୧୯ ତାରିଖରେ ଆଶାକର୍ମୀ ମିନତୀଙ୍କ ମ୍ୟାଲେରିଆ ପାଇଁ ଆରଡିଟି ପରୀକ୍ଷା କରିଥିଲେ। ମ୍ୟାଲେରିଆ ହୋଇଥିବା ଜାଣି ତାଙ୍କୁ ଡାକ୍ତରଖାନାରୁ ମଳୁଥିବା ଔଷଧ ଖାଇବାକୁ ଦେଇଥିଲେ। ୨୧ ତାରିଖରେ ମିନତୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବାଙ୍ଗିରିପୋଷି ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମିପ୍ରୀୟା ପ୍ରଧାନ ସୂଚନା ଦେଇଛନ୍ତି।

